# NATIONAL NEWS BULLETIN (ODIA)

## 30 September - 2025

### Morning Bulletin : 7.15 A.M.

*********************************

## ମୁଖ୍ୟ ସମ୍ବାଦ

- ୟୁରୋପୀୟ ମୁକ୍ତ ବାଣିଜ୍ୟ ସଂଘ ସହ ଆସନ୍ତାକାଲିଠାରୁ କାର୍ଯ୍ୟକାରୀ ହେବ ମୁକ୍ତ ବାଣିଜ୍ୟ ଚୁକ୍ତି ।

- ଗିନିଜ ବିଶ୍ୱ ରେକର୍ଡ଼ରେ ସ୍ଥାନ ପାଇଲା ତେଲଙ୍ଗାନାରେ ଆୟୋଜିତ ବାଥୁକାମା ମହୋତ୍ସବର ଫୁଲ ସାଜସଜ୍ଜା ଏବଂ ସମନ୍ୱିତ ମହିଳା ପ୍ରଦର୍ଶନ ।

- ଦକ୍ଷତା ବିକାଶ ଦିଗରେ ନୂତନ ଦିଗନ୍ତ ସୃଷ୍ଟି କରିଛି କେନ୍ଦ୍ର ସରକାରଙ୍କ ଜାତୀୟ ଶିକ୍ଷାନୀତି ।

ଏବଂ

- ଗୌହାଟୀର ବର୍ସାପାରା  କ୍ରିକେଟ୍ ଷ୍ଟାଡିୟମ୍‌ରେ ଆଜିଠାରୁ ଆରମ୍ଭ ହେବ ଆଇ.ସି.ସି. ମହିଳା ଏକଦିବସୀୟ କ୍ରିକେଟ୍ ବିଶ୍ୱକପ୍ ।

## ଗୋୟଲ-ଏଫ୍‌ଟିଏ

ୟୁରୋପୀୟ ମୁକ୍ତ ବାଣିଜ୍ୟ ସଂଘ ସଦସ୍ୟ ରାଷ୍ଟ୍ରଗୁଡ଼ିକ ସହ ମୁକ୍ତ ବାଣିଜ୍ୟ ଚୁକ୍ତିକୁ ଆସନ୍ତା ପହିଲାରୁ କାର୍ଯ୍ୟକାରୀ ହେବ ବୋଲି ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ କହିଛନ୍ତି । ସେହି ରାଷ୍ଟ୍ରଗୁଡ଼ିକ ହେଉଛି – ଆଇସ୍‌ଲାଣ୍ଡ, ଲିଚେନ୍‌ଷ୍ଟାଇନ୍, ନରୱେ ଏବଂ ସ୍ୱୀଜରଲାଣ୍ଡ । ଗ୍ରେଟର ନଏଡା ଠାରେ ଉତ୍ତରପ୍ରଦେଶ ଆନ୍ତର୍ଜାତିକ ବାଣିଜ୍ୟ ପ୍ରଦର୍ଶନୀର ଶେଷ ଅଧିବେଶନରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ଗୋୟଲ ଏହା କହିଛନ୍ତି । ସେ କହିଛନ୍ତି, ବିକଶିତ ରାଷ୍ଟ୍ରଗୁଡ଼ିକ ସହିତ ଭାରତ ମୁକ୍ତ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷର କରିବାକୁ ଆଗ୍ରହୀ ।

ଇତିମଧ୍ୟରେ ସଂଯୁକ୍ତ ଆରବ ଏମିରେଟସ୍, ଅଷ୍ଟ୍ରେଲିଆ ଏବଂ ବ୍ରିଟେନ୍ ସହ ଏହି ଚୁକ୍ତି ସମ୍ପନ୍ନ ହୋଇସାରିଛି । ୟୁରୋପୀୟ ସଂଘ, ଆମେରିକା, ନ୍ୟୁଜିଲାଣ୍ଡ, ଓମାନ, ପେରୁ ଏବଂ ଚିଲି ସହିତ ମୁକ୍ତ ବାଣିଜ୍ୟ ଚୁକ୍ତି ନେଇ ଆଲୋଚନା ଜାରି ରହିଛି ବୋଲି ଶ୍ରୀ ଗୋୟଲ କହିଛନ୍ତି । କାତାର ଏବଂ ବାହାରିନ୍ ଭାରତ ସହ ଏଭଳି ଚୁକ୍ତି ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି । ଭାରତର ବୈଦେଶିକ ମୁଦ୍ରା ଭଣ୍ଡାର ୭୦୦ ବିଲିୟନ୍ ଆମେରିକୀୟ ଡଲାର୍‌ରେ ପହଞ୍ଚିଛି ।

ମନ୍ତ୍ରୀ ଶ୍ରୀ ଗୋୟଲ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ ୨୦୧୪ ମସିହାର ଦୁର୍ବଳ ଅର୍ଥନୀତିରୁ ଉନ୍ନିତ ହୋଇ ଆଜି ବିଶ୍ୱର ଚତୁର୍ଥ ବୃହତ ଅର୍ଥନୀତିରେ ପରିଣତ ହୋଇଛି । ଆଗାମୀ

ଦୁଇ ବର୍ଷ ମଧ୍ୟରେ ୫ ଟ୍ରିଲିୟନ୍ ଆମେରିକୀୟ ଡଲାର୍ ସହିତ ଭାରତ ତୃତୀୟ ବୃହତ ଅର୍ଥନୀତିରେ ପରିଣତ ହେବ ବୋଲି ଶ୍ରୀ ଗୋୟଲ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।

ପରବର୍ତ୍ତୀ ପିଢ଼ି ଜି.ଏସ୍.ଟି. ସଂସ୍କାର ଉପରେ ଆଲୋକପାତ କରି ଶ୍ରୀ ଗୋୟଲ କହିଛନ୍ତି, ସ୍ୱାଧୀନତା ପରଠାରୁ ଏହା ସବୁଠାରୁ ବଡ଼ ସଂସ୍କାର ଏବଂ ଏହା ପ୍ରଭାବ ଦଶନ୍ଧି ଧରି ଅନୁଭୂତ ହେବ । ଏମ୍.ଏସ୍.ଏମ୍.ଇ. କ୍ଷେତ୍ର, ମହିଳା ଉଦ୍ୟୋଗୀ, ସ୍ୱଦେଶୀ ଉତ୍ପାଦ ଏବଂ ରପ୍ତାନୀ କ୍ଷେତ୍ରକୁ ଏହି ଆନ୍ତର୍ଜାତିକ ବାଣିଜ୍ୟ ପ୍ରଦର୍ଶନୀ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ପ୍ରଦାନ କରିବ ବୋଲି ମନ୍ତ୍ରୀ ଶ୍ରୀ ଗୋୟଲ ଆଶାବ୍ୟକ୍ତ କରିଛନ୍ତି ।

## ତେଲଙ୍ଗାନା-ଗିନିସ୍ ୱାର୍ଲ୍ଡ ରେକର୍ଡ଼

ତେଲଙ୍ଗାନାରେ ରାଜ୍ୟ ସରକାରଙ୍କ ଦ୍ୱାରା ଆୟୋଜିତ ବାଥୁକାମା ମହୋତ୍ସବର ଉଦ୍‌ଯାପନୀ ସମାରୋହରେ ଗତକାଲି ଦୁଇଟି ନୂଆ ଗିନିଜ୍ ବିଶ୍ୱ ରେକର୍ଡ଼ ସ୍ଥାପିତ ହୋଇଛି । ହାଇଦ୍ରାବାଦର ସାରୁର ନଗର ଷ୍ଟାଡିୟମ୍‌ରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସର୍ବବୃହତ ବାଥୁକାମା ପୁଷ୍ପ ସାଜସଜ୍ଜା ପାଇଁ ଦୁଇଟି ବିଶ୍ୱ ରେକର୍ଡ଼ ସ୍ଥାପନ ହୋଇଛି । ୭ଟନ୍ ପରିମାଣର ଫୁଲ ବ୍ୟବହାର କରାଯାଇ ୬୩ ଦଶମିକ ୧/୧ ଫୁଟ ଉଚ୍ଚ ଏବଂ ୧୧ ଫୁଟ୍ ଓସାରର ବାଥୁକାମା ପୁଷ୍ପ ସାଜସଜ୍ଜା ପ୍ରଥମ ଗିନିଜ୍ ବିଶ୍ୱ ରେକର୍ଡ଼ ସ୍ଥାପନ କରିଥିବା ବେଳେ ୧ହଜାର ୩୫୪ ଜଣ ମହିଳାଙ୍କୁ

ନେଇ ସମନ୍ୱିତ ପ୍ରଦର୍ଶନକୁ ଦ୍ୱିତୀୟ ଗିନିଜ ବିଶ୍ୱ ରେକର୍ଡ଼ ଭାବେ ମାନ୍ୟତା ମିଳିଛି । ଗିନିଜ୍ ବିଶ୍ୱ ରେକର୍ଡ଼ର ପ୍ରତିନିଧିମାନେ ଉପସ୍ଥିତ ରହି ଏହାକୁ ଗିନିଜ୍‌ରେ ସ୍ଥାନିତ କରାଯାଇଥିବା ଘୋଷଣା କରିଥିଲେ । ରାଜ୍ୟ ପର୍ଯ୍ୟଟନ ମନ୍ତ୍ରୀ କୃଷ୍ଣା ରାଓ ଏବଂ ମହିଳା ବିକାଶ ମନ୍ତ୍ରୀ ଅନୁସୂୟା ସୀତାକାଙ୍କୁ ଗିନିଜ୍ ପ୍ରତିନିଧି ଦଳ ପ୍ରମାଣପତ୍ର ପ୍ରଦାନ କରିଥିଲେ ।

## ଇଣ୍ଡିଆ-ଭୁଟାନ ରେଳ ପ୍ରୋଜେକ୍ଟ

ଭାରତ-ଭୁଟାନ ମଧ୍ୟରେ ସୀମାପାର ରେଳ ସଂଯୋଗ ପ୍ରକଳ୍ପ ପାଇଁ ଉଭୟ ପକ୍ଷ ସହମତ ହୋଇଛନ୍ତି । ମୋଟ୍ ୪ ହଜାର ୩୩ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ଦୁଇଟି ରେଳ ପ୍ରକଳ୍ପ ମଧ୍ୟରେ କୋକ୍ରାଝର-ଗେଲେଫୁ ଏବଂ ବନରହାଟ-ସମସେ ଅନ୍ତର୍ଭୁକ୍ତ । ନୂଆଦିଲ୍ଲୀ ଠାରେ ମିଳିତ ଗଣମାଧ୍ୟମ ସମ୍ମିଳନୀକୁ ସମ୍ବୋଧନ କରି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଏହି ଦୁଇଟିଯାକ ରେଳ ପ୍ରକଳ୍ପ ଭୁଟାନର ଗୁରୁତ୍ୱପୂର୍ଣ୍ଣ ସହର ଗେଲେଫୁ ଏବଂ ସମସେକୁ ସଂଯୋଗ କରିବ । ଆସାମର କୋକ୍ରାଝର ଏବଂ ପଶ୍ଚିମବଙ୍ଗର ବନରହାଟ ଠାରୁ ଭୁଟାନ୍‌କୁ ରେଳ ଯୋଗାଯୋଗ ପ୍ରକଳ୍ପ ଗୁଡ଼ିକ ପାଇଁ ଭାରତ ସମସ୍ତ ଖର୍ଚ୍ଚ ବହନ କରିବ ବୋଲି ରେଳ ମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି ।

ଗଣମାଧ୍ୟମକୁ ସୂଚନା ଦେଇ ବୈଦେଶିକ ସଚିବ ବିକ୍ରମ ମିଶ୍ରି କହିଛନ୍ତି, ଭାରତ-ଭୁଟାନ ମଧ୍ୟରେ ଏହା ପ୍ରଥମ ପର୍ଯ୍ୟାୟ ରେଳ ସଂଯୋଗ ହେବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଭୁଟାନ ଗସ୍ତ ଅବସରରେ ରେଳ ଯୋଗାଯୋଗ ନେଇ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା । ଭୁଟାନର ବିକାଶ ମୂଳକ କ୍ଷେତ୍ରରେ ଭାରତ ସମସ୍ତ ପ୍ରକାର ସହାୟତା ଯୋଗାଇ ଆସୁଛି ବୋଲି ଶ୍ରୀ ମିଶ୍ରି କହିଛନ୍ତି ।

## ସେବାପର୍ବ-ଏନ୍‌ଇପି ୨୦୨୦

**Seba Parba Opening**

ସେବା ଏବଂ ସୁଶାସନ ଅର୍ଥାତ୍ ଜନସେବା ଓ ସୁଶାସନର ମନ୍ତ୍ରଦ୍ୱାରା ପରିଚାଳିତ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସରକାର ପରିବର୍ତ୍ତନ ଏବଂ ପ୍ରଗତି ଆଣିବା ପାଇଁ ନିରନ୍ତର ଉଦ୍ୟମ କରିଆସୁଛନ୍ତି । ଆମର ସ୍ୱତନ୍ତ୍ର ଧାରାବାହିକ ସେବା ପର୍ବରେ ଆସନ୍ତୁ ଜାଣିବା ମୋଦୀ ସରକାରଙ୍କ ଜାତୀୟ  ଶିକ୍ଷାନୀତି ୨୦୨୦ କିଭଳି ଭାବେ ଭାରତ ପାଇଁ ଏକ ଆଧୁନିକ ଓ ଭବିଷ୍ୟତ ପାଇଁ ଅନ୍ତର୍ଭୁକ୍ତିମୂଳକ ଶିକ୍ଷା ବ୍ୟବସ୍ଥା ନିର୍ମାଣ କରିଛନ୍ତି ।

ଶିକ୍ଷା ହେଉଛି ଏଭଳି ଏକ ମୂଳଦୁଆ ଯାହା ଉପରେ ଏକ ରାଷ୍ଟ୍ର ତାର ଭବିଷ୍ୟତ ନିର୍ମାଣ କରିଥାଏ ଏବଂ ଏହା ପରବର୍ତ୍ତୀ ପିଢ଼ିର ଆବଶ୍ୟକତାକୁ ରୂପ ଦେଇଥାଏ । ୨୦୨୦ ଜୁନ୍‌ରେ ନରେନ୍ଦ୍ର ମୋଦୀ ସରକାର ନୂତନ ଜାତୀୟ ଶିକ୍ଷାନୀତି  ପ୍ରଣୟନ କରିଥିଲେ । ୩୪ ବର୍ଷ ମଧ୍ୟରେ ଏକ ବିଂଶ

ଶତାବ୍ଦୀର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଭାରତୀୟ ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ କରାଯାଇଥିଲା । ନୂଆ ଶିକ୍ଷା ନୀତି ଆରମ୍ଭ କରି ପ୍ରଧାନମନ୍ତ୍ରୀ କହିଥିଲେ, ଶିକ୍ଷାର ଉଦ୍ଦେଶ୍ୟ ହେଉଛି ସମସ୍ତଙ୍କ ପାଇଁ ସମାନ ସୁଯୋଗ ସୃଷ୍ଟି କରିବା

**V/O-PM Modi**

ଜାତୀୟ ଶିକ୍ଷାନୀତି ବିଦ୍ୟାଳୟ ଏବଂ ଉଚ୍ଚଶିକ୍ଷାରେ ବୃତ୍ତିଗତ ଏବଂ ବ୍ୟବହାରୀକ ଦକ୍ଷତାକୁ ସାମିଲ କରି ଦକ୍ଷ ମାନବ ସମ୍ବଳ ସୃଷ୍ଟି କରିବା ଉପରେ ଗୁରୁତ୍ୱାରୋପ କରୁଛି । ଶିକ୍ଷାର ପ୍ରାଥମିକ ପର୍ଯ୍ୟାୟରୁ ଛାତ୍ରଛାତ୍ରୀମାନେ ଯେଭଳି ବୃତ୍ତିଗତ ଶିକ୍ଷା ପ୍ରତି ଆକର୍ଷିତ ହୋଇପାରିବେ ତାହା ଉପରେ ଗୁରୁତ୍ୱ ଦିଆଯାଉଛି । ବିଭିନ୍ନ ଭାରତୀୟ ଭାଷାକୁ ପ୍ରାଥମିକତା ଦିଆଯିବା ସହ କେବଳ ଶିକ୍ଷାଦାନର ମାଧ୍ୟମ ରୂପେ ନିର୍ଦ୍ଦିଷ୍ଟ ଭାବେ କେତୋଟି ଭାଷାକୁ ଅଗ୍ରାଧିକାର ନ ଦେଇ, ସମସ୍ତ ଭାରତୀୟ ଭାଷାକୁ ସମାନ ସୁଯୋଗ ପ୍ରଦାନ କରାଯାଇଛି । ନୂଆ ଶିକ୍ଷାନୀତି ଭାରତର ସଂସ୍କୃତି ଓ ପରମ୍ପରାକୁ ଯଥେଷ୍ଟ ଭାବେ ଆପଣେଇବା ସହ ଛାତ୍ରଛାତ୍ରୀମାନେ ଯେଭଳି ଭବିଷ୍ୟତ ଆହ୍ୱାନ ଓ ସମସ୍ୟାଗୁଡ଼ିକର ମୁକାବିଲା କରିପାରିବେ, ତାହା ଉପରେ ବିଶେଷ ଦୃଷ୍ଟି ଦିଆଯାଇଛି । ଗତ ୫ ବର୍ଷରେ ନୂତନ ଜାତୀୟ ଶିକ୍ଷାନୀତି ଜ୍ଞାନ ଆହରଣ ସହ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆତ୍ମବିଶ୍ୱାସ, କୌତୂହଳ ଏବଂ ଦକ୍ଷତା ବିକାଶ ଦିଗରେ ନୂତନ ଦିଗନ୍ତ ସୃଷ୍ଟି କରିଛି ।

**Seba Parba Closing**

# ଜି.ଏସ୍.ଟି. - ଟଏଜ୍ ଆଣ୍ଡ ବାଇସାଇକଲ୍

ପରବର୍ତ୍ତୀ ପିଢ଼ିର ଜି.ଏସ୍.ଟି. ସଂସ୍କାର କାର୍ଯ୍ୟକାରୀ ହେବା ପରେ ଦେଶର ଜନସାଧାରଣ ଚଳିତ ମାସ ୨୨ ତାରିଖରୁ ଲାଭ ପାଇବା ଆରମ୍ଭ କରିଛନ୍ତି । ଏହି ଜି.ଏସ୍.ଟି. ସଂରଚନାରେ, ଜି.ଏସ୍.ଟି. ପରିଷଦ ପୂର୍ବର ଚାରି ଥାକିଆ ଟିକସ ବ୍ୟବସ୍ଥାକୁ ପରିବର୍ତ୍ତନ କରି କେବଳ ୫ ଏବଂ ୧୮ ପ୍ରତିଶତ ମଧ୍ୟରେ ସୀମିତ ରଖିଛି । ଫଳରେ ଅନେକ ଗୁଡ଼ିଏ ସେବା ଏବଂ ସାମଗ୍ରୀର ଦର ହ୍ରାସ ପାଇଛି ।

ଏ ସମ୍ପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କୁ ଆହ୍ୱାନ ଦେଇ କହିଥିଲେ - **V/O-PM Swadeshi**

ନୂତନ ପିଢ଼ିର ଜି.ଏସ୍.ଟି. ସଂସ୍କାରରେ କେନ୍ଦ୍ର ସରକାର  ସାଧାରଣ ନାଗରିକଙ୍କୁ ସୁବିଧା ପ୍ରଦାନ କରିବାକୁ ଯାଇ ଅନେକ ଗୁଡ଼ିଏ ସାମଗ୍ରୀ ଓ ସେବା ଉପରେ ଟିକସ ହାର ହ୍ରାସ କରିଛନ୍ତି । ଖେଳନା ଏବଂ କ୍ରୀଡ଼ା ସାମଗ୍ରୀ ଉପରେ ଜି.ଏସ୍.ଟି. ହାର ୧୨ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରାଯାଇଛି । ଏହା ଫଳରେ ଉଭୟ ଉପଭୋକ୍ତା ଏବଂ ନିର୍ମାତାମାନଙ୍କୁ ଖେଳନା ଶିଳ୍ପର ଅଭିବୃଦ୍ଧି ଦିଗରେ ସହାୟକ ହୋଇଛି । ଜି.ଏସ୍.ଟି. ହାର ହ୍ରାସ ପାଇବା ଫଳରେ ତୃଣମୂଳ ସ୍ତରରୁ କ୍ରୀଡ଼ା କ୍ଷେତ୍ରରେ ଶିଶୁମାନଙ୍କ ମଧ୍ୟରେ ଅଧିକ ଆଗ୍ରହ ସୃଷ୍ଟି ହେବ ବୋଲି କୁହାଯାଇଛି ।

ଅନ୍ୟ ପକ୍ଷରେ ଖେଳନା ଏବଂ କ୍ରୀଡ଼ା ସାମଗ୍ରୀ ନିର୍ମାଣ କରୁଥିବା କ୍ଷୁଦ୍ର ଏବଂ ମଧ୍ୟମଧରଣର ଶିଳ୍ପଗୁଡ଼ିକ ଜାତୀୟ ଏବଂ ଆନ୍ତର୍ଜାତିକ ବଜାରରେ

ପ୍ରତିଯୋଗିତା କରିବାର ସୁଯୋଗ ପାଇବେ ବୋଲି କୁହାଯାଇଛି । କ୍ରୀଡ଼ା ସାମଗ୍ରୀ ଏବଂ ଖେଳନା ରପ୍ତାନୀ ପରିଷଦର ପରିଚାଳନା ନିର୍ଦ୍ଦେଶକ ତରୁଣ ଦିଓ୍ୱାନ୍ ସରକାରଙ୍କ ଏହି ନିଷ୍ପତ୍ତିକୁ ପ୍ରଶଂସା କରିବା ସହ ଆଗାମୀ ଦିନରେ ଏହା ଲୋକମାନଙ୍କ ସାମଗ୍ରୀକ ବିକାଶ ଦିଗରେ ସହାୟକ ହେବ ବୋଲି କହିଛନ୍ତି ।

ଅନ୍ୟ ପକ୍ଷରେ ବାଇସାଇକଲ୍ ଉପରେ ମଧ୍ୟ ଜି.ଏସ୍.ଟି. ହାର ୧୨ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରାଯାଇଛି । ଏହା ସାଧାରଣ ଲୋକ ଓ ଛାତ୍ରଛାତ୍ରୀମାନଙ୍କୁ ସାଇକେଲ୍ ବ୍ୟବହାର କରିବାରେ ପ୍ରୋତ୍ସାହିତ କରିବା ସହ ବାଇସାଇକେଲ୍ ନିର୍ମାଣ କ୍ଷେତ୍ରର ଅଭିବୃଦ୍ଧି ଦିଗରେ ସହାୟକ ହେବ ।

## ଆଇସିସି କ୍ରିକେଟ୍ ଓ୍ୱିମ୍ୟାନ୍ସ ଓ୍ୱାର୍ଲ୍ଡକପ୍

ଆଇ.ସି.ସି. ମହିଳା ଏକଦିବସୀୟ କ୍ରିକେଟ୍ ବିଶ୍ୱକପ୍ ୨୦୨୫ ଆଜିଠାରୁ ଆରମ୍ଭ ହେବ । ଉଦ୍‌ଘାଟନୀ ମ୍ୟାଚ୍ ଭାରତୀୟ ସମୟ ଅପରାହ୍ଣ ୩ଟାରେ ଗୌହାଟୀର ବରସାପାରା କ୍ରିକେଟ୍ ଷ୍ଟାଡିୟମ୍‌ରେ ଆୟୋଜକ ଭାରତ ଏବଂ ଶ୍ରୀଲଙ୍କା ମଧ୍ୟରେ ଅନୁଷ୍ଠିତ ହେବ । ୨୦୨୫ ମହିଳା ବିଶ୍ୱକପ୍‌ରେ ତ୍ରୟୋଦଶ ସଂସ୍କରଣରେ ୫୦ ଓଭର ମ୍ୟାଚ୍ ଖେଳାଯିବ । ଏଥିରେ ୮ଟି ଦଳ – ଅଷ୍ଟ୍ରେଲିଆ, ଇଂଲଣ୍ଡ, ଭାରତ, ନ୍ୟୁଜିଲାଣ୍ଡ, ଦକ୍ଷିଣ ଆଫ୍ରିକା, ଶ୍ରୀଲଙ୍କା, ବାଂଲାଦେଶ ଓ ପାକିସ୍ତାନ ଭାଗ ନେଉଛନ୍ତି । ଏହି

ଦଳଗୁଡ଼ିକ ଭାରତର ୪ଟି ସ୍ଥାନରେ ଏବଂ କଲମ୍ବୋରେ ଗୋଟିଏ ସ୍ଥାନରେ ୨୮ଟି ଲିଗ୍ ମ୍ୟାଚ୍‌ରେ ପ୍ରତିଦ୍ୱନ୍ଦ୍ୱିତା କରିବେ । ଭାରତ ଓ ପାକିସ୍ତାନ ମଧ୍ୟରେ ଆସନ୍ତା ମାସ ୫ ତାରିଖରେ କଲମ୍ବୋରେ ମ୍ୟାଚ୍ ଅନୁଷ୍ଠିତ ହେବ । ଗ୍ରୁପ୍ ପର୍ଯ୍ୟାୟ ଶେଷରେ ୪ଟି ଦଳ ସେମିଫାଇନାଲ୍‌କୁ ଉନ୍ନିତ ହେବେ ।